# ତହସିଲଦାରଙ୍କ କାର୍ଯ୍ୟାଳୟ, କୁଚିଣ୍ଡା

ବିଜ୍ଞପ୍ତି ସଂଖ୍ୟା 2247 / ତାରିଖ 06-09-2021

ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତିହାର

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କୁଚିଣ୍ଡା ତହସିଲ ଅର୍ନ୍ତଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ 2021-2022 ଆର୍ଥିକ ବର୍ଷଠାରୁ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର କୁଚିଣ୍ଡା ଙ୍କ ଦ୍ୱାରା ନିଲାମ କରାଯିବା ଇଚ୍ଛୁକ ବ୍ୟକ୍ତି ବିଶେଷ OMMC(Amendment) Rule-2016 ର FORM-M ପୂରଣ କରି ଏହାର ତିନିକପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି sealed cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 06.09.2021 ରୁ 20.09.2021 ରିଖ ଅପରାହ୍ନ 1.00 ଟା ସୁଦ୍ଧା ତହସିଲ ଅଫିସରେ ଥିବା ଡ୍ରପ ବକ୍ସ ରେ ପକାଯିବ ଏବଂ ତା 21.09.2021 ରିଖ ଅପରାହ୍ନ 3.00 ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସୈରାତ ଉତ୍ସ ଗୁଡିକ ପ୍ରଥମ ଦ୍ୱିନ ଚୁଡାନ୍ତ ହୋଇ ନ ପାରିବ, ସେହି ଉତ୍ସ ଗୁଡିକ ପାଇଁ ଦ୍ବୁତୀୟ ଥର ତା. 22.09.2021 ରୁ 28.09.2021 ଏବଂ ତୃତୀୟ ଥର ତା 30.09.2021 ରୁ 07.10.2021 ଅପରାହ୍ନଘ 1: 00 ଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯିବ ଓ ତା 29.09.2021ଓ 08.10.2021ରିଖ ରେ ଅପରାହ୍ନ 3.00ରେ ଲିଜ ଦରଖାସ୍ତକାରୀ କିମ୍ବା ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରକାସ୍ତ ଗ୍ରହଣିୟ ନିହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ IFORM-M ବ୍ୟତିତ ଅନ୍ୟକୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

06/09/21

ତହସିଲଦାର,କୁଚିଣ୍ଡା
Tahasildar
Kuchinda

ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ

1.ଦରଖାସ୍ତ ଫି ସକାଶେ ଟ 1000.00 ( ଏକ ହଜାର ଟଙ୍କା) ର ଟ୍ରେଜେରୀ ଚଲାଣ ।

( 0853-Non – ferrous mining & metallurgical 102-mineral concession fees , rent & royalties -0217 – receipt under Orissa minor minerals concession fees (New) – 02021-collection of fees, rent & royalties(new)).

2. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧିୟ ସତ୍ୟପାଠ ।

3-IT Returns ଏବଂ ଅନୁନ୍ୟ 18 ମାସ ପର୍ଯ୍ୟନ୍ତ କାଏମ ଥିବା Bank Guarantee କିମ୍ବା Solvency certificate ( ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ [ Minimum Guaranteed Quantity X (Royalty+ Additional Charges)] ଠାରୁ ଅଧିକ ହୋଇଥିବା ଆବଶ୍ୟକ, ଇତ୍ୟାଦି ପ୍ରଦାନ କରିବେ ।

4-Earnest money ପାଇଁ Demand draft in favour of Tahasildar, Kuchinda ଯାହାକି ଅତିରିକ୍ତ ଚାର୍ଜ ( Additional Charge ) ଏବଂ Royalty(ଏକ ବର୍ଷ) ର 10% ଠାରୁ କମ୍ ହୋଇନଥିବ । [{EMD= 10% of { Minimum Guaranteed} X (Royalty + Additional Charges ]}।

06/09/21

ତହସିଲଦାର,କୁଚିଣ୍ଡା
Tahasildar
Kuchinda

(ସର୍ତ୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କ web. Site: www.sambalpur.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ପାଇପାରିବେ ।)

## ସର୍ତ୍ତାବଳୀ

1- ଆବେଦନକାରୀ ମାନେ ଲଘୁ ଖଣିଜ ଦ୍ରବ୍ୟ ରିବାତି ଆଇନ OMMCRule-2016ରେପରିସର ଭୁକ୍ତ ରହିବେ ।

2- ପ୍ରଚଳିତ ନିୟମ ଅନୁଯାଇ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

3- ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4- ଲିଜ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟର (Additional Charges) ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ।

5- ଲିଜ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ (Minimum guarantee quantity*(Royalty+ Additional Charge)+ Amount of contribution payable to DMF ର ଏକ ଚତୁର୍ଥାଂଶ ରାସି ( EMD କୁ ବାଦ ଦେଲେ) ଲିଜ ଚୂଡାନ୍ତ ହେବାର 15 ଦିନ ମଧ୍ୟେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

6- Environment clearance ମଞ୍ଜୁରି ପରେ ଲିଜଧାରୀ ଏକବର୍ଷ ପାଇଁ Surface Rent ଏବଂ Royalty ର 5% EMT, 10% District Mineral foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସମ୍ପୁର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର ନିଜ ଖର୍ଚ୍ଚରେ ସମ୍ପାଦନ କରିବେ ।

7- ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

8- ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରିବର୍ତ୍ତେ ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

9- ଦରଖାସ୍ତକାରୀ Mines Act. 1952ଓ Explosive Act. 1984ର ସମସ୍ତ ନିୟମାବଳୀର ଅର୍ନ୍ତଭୁକ୍ତ ରହିବେ ।

10- ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେକ କରିବେ । ଓ ସବୁ କାର୍ଯ୍ୟ ସମ୍ପାଦନ ଲିଜଧାରୀ ନିଜ ଖର୍ଚ୍ଚରେ କରିବେ ।

11- Revenue Assessment Report, Mining plan and Environmental clearance ବାବାଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ।

12- ଉପରୋକ୍ତ ସମସ୍ତ ସର୍ତ୍ତାବଳି ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । କାର୍ଯ୍ୟଦେଶ ନପାଇଲା ପର୍ଯନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟକୁ ବେଆଇନ ଧରାଯିବ ।

13- କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପରିସରଭୁକ୍ତ ଅଟେ ।

14- ଯେକୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ୍ୟ ହେବେ ।

15- ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତିତ ଇସ୍ତିହାର ସମସ୍ତ ବିବରଣୀ ଜିଲ୍ଲା (www.sambalpur.nic.in ) ରେ ମଧ୍ୟ ଦେଖିପାରିବେ ।

06/09/24

Tahasildar, Kuchinda

Tahasildar
Kuchinda

Memo No. 2248 /Dt. 06-09-2021

Copy to Collector Sambalpur/ Sub-Collector , Kuchinda / All Tahasildar of Sadar Sub-Division / All Block Of Sadar Sub-Division/Sambalpur Municipal Corporation / All Gram Panchayats/ Executive Engineer , R& B / / Executive Engineer , R & D / Executive Engineer Minor Irrigation, Executive Engineer Irrigation division , Deputy director of Mines / Divisional Forest Officer/ Regional Office, Pollution Control Board, Executive Engineer RWSS / Executive Engineer Hirakud Dam / Secretary, SDA for information and they are requested to published the notice in their Office Notice Board.

Sd/- 06/09/21

Tahasildar, Kuchinda

Tahasildar Kuchinda

Memo No. 2249 /Dt. 06-09-2021

Copy to D.I.O. NIC, Collectorate,Sambalpur for hosting the copy of the notice in the District website.

Sd/- 06/09/21

Tahasildar, Kuchinda

Tahasildar Kuchinda

List of sairat sources auction for 5 years lease of Kuchinda Tahasil

| S.NO | Sairat sources Case NO | Name of the sairat sources | Name of the village | Khata No | Plot No | Area (In Acre) | Total area | Kisam | Rate of Royalty per cum(Rs.) | Additional charges per cum | Total due per cum | MGQ in cum per year | Annual due | EMD amunt to be deposited in shape of Demand draft |
|---|---|---|---|---|---|---|---|---|---|---|---|---|---|---|
| 1 | 114/2014 | Dansandihi stone quarry | Dansanadihi | 57 | 160(p) | 8.45 | 9.62 | Patit | 130 | 50 | 180 | 2122 | 381960 | 39196 |
| | | | | | 161(p) | 1.17 | | Patit | | | | | | |
| 2 | 30/2020 | Lassa sand quarry | Lassa | 87 | 1 | 9.5 | 9.5 | Nadi | 35 | 30 | 65 | 2000 | 130000 | 13000 |
| | | | | | | | | | | | | | | |

06/09/24

Tahasildar,Kuchinda

Tahasildar Kuchinda